# ଗସଗ

28 SEP 1959

ଶ୍ରୀ ନରହରି ତ୍ରିପାଠୀ
ବୋଇରାଣୀ (ଗଞ୍ଜାମ)

28 SEP 1959



ସଂଘ ଲାଇବ୍ରେରୀ
ନଂ. ୧/୨୪୫
ତା ........ 1959
ରାଉରକେଲା

# ଉତ୍ସର୍ଗ

ବୋଉ,

ତୁ ଜୀବନରେ ଶତ ଯନ୍ତ୍ରଣା ଭୋଗି କେତେ ରକ୍ତ ଢାଳି, କେତେ ରୁଧିର ବୁହାଇ ଆମକୁ ଜନ୍ମ ଦେଇଥିଲୁ । ଆଉ ତୋର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ତ୍ୟାଗ କରି ବଢ଼ାଇଥିଲୁ କେତେ ଯତ୍ନରେ, କେତେ ଆଦରରେ । କିନ୍ତୁ ସେ ସବୁକୁ ଏକାବେଳକେ ପାସୋରି ଦେଇ ତୁ ତୋର ପ୍ରୟାଣ ରଚିଲୁ ସେହି ନିଭୃତ ସଂରକ୍ଷିତ କେଉଁ ପବନ ପୀଠକୁ । ସେତେବେଳେ ଆମକୁ 'ବୋଉ' ଡାକ ଛଡ଼ା ଆଉ କିଛି ଜଣା ନଥିଲା । ଜାଣିବାର ଶକ୍ତି ମଧ୍ୟ ଆସି ନଥିଲା । ସେବା କଣ, ଭକ୍ତି କଣ, ପ୍ରେମ କଣ, ମାୟା କଣ, ମମତା କଣ, ସମସ୍ତ ଥିଲା ଆମର ଅଗୋଚରରେ ।

ଆମର ଏସବୁ ଜାଣିବାର ଭାର ତୁ ଲଦିଦେଇ ଗଲୁ ନନାଙ୍କ ଉପରେ; ଆଉ ତୋର ଏ ଗୁରୁ ଦାୟିତ୍ୱକୁ ଧୈର୍ଯ୍ୟର ସହିତ ସେ ବହନ କରି ନେଇଥିଲେ; ଯାହା ଫଳରେ ଆଜିର ଏ ସ୍ତରକୁ ଆମେ ପାଦ ବଢ଼ାଇ ସମସ୍ତ ପାଇ ପାରିଛୁ, କିନ୍ତୁ ପାଇଲୁ ନାହିଁ

ତୋତେ । ଶତ ଚେଷ୍ଟାରେ ବି ତୁ ଦେଖା ଦେଲୁନାହିଁ ଆମକୁ, କି 'ବୋଉ' ବୋଲି ଡାକିବାକୁ ଆଉ କହିଲୁ ନାହିଁ ।

ତୋର ବୋହୂ ହୋଇ ଆସିଥିଲା ଏକ ଅପୂର୍ବ ସୁନ୍ଦରୀ କନକମଞ୍ଜରୀ । ସେ ତୋତେ ନପାଇ କେତେ ଲୁହ ଢାଳି ଖୋଜି ବୁଲୁଥିଲା ତୋର ସେବା କରିବାପାଇଁ । ତା'ଠାରେ ସନ୍ତୁଷ୍ଟ ହୋଇ ମୋ'ଠୁ ଛଡ଼ାଇ ତୁ ତାକୁ ଡାକି ନେଇଗଲୁ ସେବା ପାଇବା ପାଇଁ ତୋର ସେହି ପବିତ୍ର ପୀଠକୁ । ଆଉ ମୋର କୋମଳ ରଙ୍ଗୀନମୟ ତରୁଣ ଜୀବନକୁ ଏ ଦୁଃଖର ବାରିଧିରେ ଭସାଇଦେଇ ଗଲୁ ଖଣ୍ଡେ ଭଙ୍ଗା ତରଣିରେ । ମୁଁ ଥିଲି ତାର ପ୍ରଣୟ ଭିକାରୀ, ଆଉ ସେ ତାର ସର୍ବସ୍ୱ ମୋତେ ଦାନ କରିଥିଲା ସେ ଭିକ୍ଷାରେ । କିନ୍ତୁ ମୁଁ କିଛି ଦେଇ ପାରିନଥିଲି । ଆଜି ଏ ଦୁଃଖସାଗରରେ ଭାସି ଭାସି କିଛି ନପାଇ ହେଉଛି ପାଗଳ ଏବଂ ଏ ପାଗଳାମିର ପ୍ରତୀକ 'କନକ କବିତା' ହେବ ତାର ପ୍ରତିଦାନ । ଇତି ।

ତୋର

ଅବୋଧ

ଶ୍ରୀ/ଶ୍ରୀମତୀ Manik Lal Chatterjee ଙ୍କୁ

ଉପହାର ।

**ପରିଚୟ—**

ବୈଶାଖ କୃଷ୍ଣ ଦଶମୀ ମେଷ ସଂକ୍ରାନ୍ତି ଏପ୍ରେଲ ୧୩ ତାରିଖ ୧୯୫୮, ରବିବାର ଶ୍ରବଣା ନକ୍ଷତ୍ରେ ମୋର ସହଧର୍ମିଣୀ 'କନକ' ଗର୍ଭାବସ୍ଥାରେ ବସନ୍ତରୋଗରେ ପୀଡ଼ିତ ହୋଇ ଏକ ଅଭିନବ କୁମାରୀ ପ୍ରସବ କରି, କିଛି ସମୟ ପରେ ଦୁହେଁ ଦୁହିଙ୍କଠାରୁ ବିଦାୟ ନେଇ ମହାପ୍ରୟାଣ କରିଥିଲେ । ତାର ଅକାଳ ବିୟୋଗରେ ଏ 'କନକ-କବିତା' ଲିଖିତ । ମୃତ୍ୟୁବେଳକୁ ତାର ବୟସ ବ ୧୬ । ୮ । ୨ ଦିନ ଥିଲା ।

ଲେଖକ

ତା ୪-୫-୫୮

# ସୂଚୀ


| ବିଷୟ | | | ପୃଷ୍ଠା |
|---|---|---|---|
| ୧ । ବେଦନାର ଶତଧାରେ | ... | ... | ୫ |
| ୨ । ପ୍ରେମଭିକ୍ଷା ... | ... | ... | ୭ |
| ୩ । ବାର୍ତ୍ତା ... | ... | ... | ୯ |
| ୪ । ବିବାହ ଦିବସେ | ... | ... | ୧୧ |
| ୫ । ବିରହ ସ୍ୱପ୍ନ | ... | ... | ୧୩ |
| ୬ । ପ୍ରଣୟର ଛନ୍ଦେ | ... | ... | ୧୫ |
| ୭ । ମନ୍ଦିର ... | ... | ... | ୧୭ |
| ୮ । କନକଚମ୍ପା ... | ... | ... | ୧୯ |
| ୯ । ସ୍ମୃତିମନ୍ଦିରେ ... | ... | ... | ୨୧ |
| ୧୦ । ପ୍ରୟାଣ ... | ... | ... | ୨୩ |
| ୧୧ । ନୁହେ କି ମୁଁ ସନ୍ତାନ ସତେ ତୋର ? (ଜନନୀ ପ୍ରତି) | | | ୨୫ |
| ୧୨ । ମାୟାସଂସାର | ... | ... | ୨୭ |
| —ଆତ୍ମନିବେଦନ ... | ... | ... | ୨୯ |


—ଶେଷ—

# ବେଦନାର ଶତଧାରେ

ଅନିମେଷ ନେତ୍ରେ ଅନାଇ ରହିଛି
ଝଲସିଯିବ କି କନକ ପ୍ରତିମା ?
ବାହୁଦ୍ୱୟେ ତାକୁ ବାନ୍ଧିଧରି ମୁଁ
ଚୁମ୍ବି ଦିଅନ୍ତି ଗଣ୍ଡଦେଶ ତାରେ
ବେଦନାର ଶତଧାରେ । ୧ ।

ନ ପାରନ୍ତା ଫେରି ମୋ ବାହୁବନ୍ଧନୁ
ଲଜ୍ଜା ପାଇଟି ଥରନ୍ତା ତା ଜାନୁ
ସଜାଡ଼ି ନଅନ୍ତା ତାର କେଶ ତନୁ
ସ୍ୱୀକାର କରନ୍ତା ମିନତି ଭରେ
ବେଦନାର ଶତଧାରେ । ୨ ।

ସଜଳ ନୟନେ ଦେଖନ୍ତା ସେ ମୋତେ
ଚମକି ଆସନ୍ତା ସ୍ମୃତିରେ ତାହାର
ଉଚ୍ଛୁଳି ପଡ଼ନ୍ତା ପ୍ରେମର ଭଣ୍ଡାର
ସରମେ ହସି ଦିଅନ୍ତା ସେ ବାରେ
ବେଦନାର ଶତଧାରେ । ୩ ।

ଗୃହାନ୍ତା ପ୍ରେୟସୀ ମତେ ଲଜ ଛାଡ଼ି
କରେ ଧରନ୍ତା ମୋ ହୃଦଦେଶ ଭିଡ଼ି
ପଚାରନ୍ତ ହସି ଆଗୋ, ମୁଖ-ଶଶି
ଏବେ ତୁମେ ଯାଇଥିଲ କାହାପୁରେ ?
ବେଦନାର ଶତଧାରେ ।୪।

ଢଳି ପଡ଼ନ୍ତା ମୋର ବାହୁ ଦେଶେ
ନ ରହନ୍ତା ଆଉ ବେଦନା ମୋ ପାଶେ
ଅଧୀର ହୋଇ ମୁଁ ପୀରତି ବେଶରେ
ପ୍ରେମାମୃତ ଦେଇଥାନ୍ତି ତା ଅଧରେ
ବେଦନାର ଶତଧାରେ ।୫।

# ପ୍ରେମ ଭିକ୍ଷା

ଷୋଡ଼ଶ ବୟସୀ ଦୀର୍ଘ ଘନକେଶୀ ବାଳା
ସ୍ୱର୍ଣ୍ଣ ଜିଣି କାନ୍ତି ମନ୍ଦହାସୀ ସୁରୁଶୀଳା
ନବ ନବୀନା ମହିଳା
କାମସିନ୍ଧୁ ତରିବାକୁ ତୁ ହିଁ ମୋର ଭେଳା । ୧ ।

ନିଷ୍କଳଙ୍କ ଚନ୍ଦ୍ରମୁଖୀ ପଙ୍କଜ ନୟନୀ
'କନକ' ନାମ ଧେନ କୁମାରୀ ଶିରୋମଣି
ଅପରୂପସୀ କାମିନୀ
ବରହ ବନାଶିନୀ ତୁ ଭୁବନମୋହିନୀ । ୨ ।

ସୁଚ୍ଛୀନବସନା ତୁ ଯେ ନବ ଯଉବନା
ଅତୁଳ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ତୋ ଅଙ୍ଗନା
ତୋର ମରାଳ ଗମନା
ଏ ବପତ୍ତିରେ ସାହା କେ ନାହିଁ ତୋହ ବନା । ୩ ।

ବରହେ ଯାଉଛି ଚିତ୍ତ ମାର ହୁତାଶନେ
ବାରେ ମାନ ପ୍ରେମବାରି ଯତ୍ନେ ସୁରୁଶୀଳେ
ମନ୍ତ୍ରି ମୋହନ ମନ୍ତ୍ରରେ
ସିଞ୍ଚି ଏ ବେଦନା ନାଶ ମାଗେ ତୋ ସ୍ମୁମୁରେ । ୪ ।

ଦୁସ୍ତର ଶୋକ ସାଗରେ ବୁଡ଼ ମୁଁ ଗୋ ଗୋରି
ଆକୁଳେ ଡାକୁଛି କୋଳେ ନିଅ କୃଶୋଦରି
ତୁ ଯେ କନକ ମଞ୍ଜୁଷା
ଲଭେ ମାତ୍ର ଜୀବ ଅଛି ତୋ ନାମ ସୁମରି । ୫ ।

ଜାଣି ଶ୍ୱାପଦସଙ୍କୁଳ ମାରୁ ଘୋର ବନେ
ଭ୍ରମେ ପଥ ହୁଡ଼ ବୁଲେ ତୋ ରୂପ ଦର୍ଶନେ
ତୋର ପ୍ରେମାଲୋକ ଦାନେ
ଶାନ୍ତି ଦେଇ ପାଅ ଯଶ, ଏ ପାପୀ ଜୀବନେ । ୬ ।

ଝୁରି ଝୁରି ନସରଇ ଦିବସ ଶର୍ବରୀ
ଜାଗରଣେ ସ୍ୱପ୍ନେ ଦେଖେ ତୋ ରୂପ ମାଧୁରୀ
ଅଙ୍ଗୀକାର କରି ଗୋରି
କଣାଜନେ ଅନୁରାଗେ ଢ଼ାଳ ପ୍ରେମବାରି । ୭ ।

# ପାର୍ଥୀ

ତୋ ଲାଗି କେତେ ମୁଁ ପୂଜୁଛି ଦେବତା
ତୋ ଲାଗି କେତେ ମୁଁ ନୁଆଇଁଛି ମଥା
ବୁଲି ବୁଲି ଧାଇଁ ପାଶେ
ତୋତେ ପାଇବାର ଆଶେ । ୧ ।

ତୋହ୍ର ଲାଗି କେତେ ମୁଁ ବେଲ ପତର
କେତେ ବା ଦେଇଛି ଚନ୍ଦନ ଅଗୁର
ତୋ ରୂପେ ହୋଇ ବିଭୋର
ଦେଖି ତୋ ରକ୍ତମାଧର । ୨ ।

କେତେ ଗଗେଇଶ କେତେ କନଅର
ଲିଙ୍ଗେ ମୁଁ ଢାଳିଛି କେତେ କ୍ଷୀର ନୀର
ପାଇବାକୁ ସେବା ତୋର
କି ସୁନ୍ଦର ରୂପ ତୋର । ୩ ।

ତୋ ଲାଗି କେତେ ମୁଁ ଲେଖିଛି କବିତା
କେତେ ଦେଇଅଛି ତୋ ପାଶେ ବାରତା
ପାଇବାକୁ ତୋର କଥା
ସହି ନପାରି ମୁଁ ବ୍ୟଥା । ୪ ।

ପାଇଛି ମୁଁ ତୋତେ ଦି'ଦିନ ମାତର
ଏବେ କରିଗଲୁ ତୁ ମୋତେ ଅନ୍ତର
ସେ ବସନ୍ତ କରେ କର—
ଧରି ନେଲା ନଦୀ ଘର ।

# ବିବାହ ଦିବସେ

କେଉଁ ବସନ୍ତର ମଧୁ ମହୋତ୍ସବେ ପ୍ରକୃତି ରାଣୀ
କୋକିଳ କୂଜନେ ଝରଶିଥିଲା ସେ
ପ୍ରଣୟ-ମନ୍ଦିର କବିତା ବାଣୀ;

ଦୋହଲି ସରାଗେ ମଳୟ ହିଲ୍ଲୋଳେ ମଧୁପ ଯୁବା
ଗୁଣୁ ଗୁଣୁ ସ୍ୱରେ ଚୁମ୍ବି ଯାଉଥିଲା
କୁସୁମ ରାଣୀର କେଶର ଗନ୍ଧ;

କୁଟଜ କୁସୁମ ଲୋଧ୍ର ପରାଗେ ବିଛୁଇ ରେଣୁ
ଧରଣୀ ରାଣୀର ପ୍ରଣୟ ଉତ୍ସବେ
ଶୁଭୁଥିଲା କେତେ ସୃଜନ ବେଣୁ ;

ସେ ମଧୁ ମାଧବୀ ବାସନ୍ତିକ ଲଗ୍ନେ (ଆମେ) ନବ ପ୍ରଣୟୀ
ସଂସାର ବନ୍ଧୁର ପଥେ ଦୁଃଖ ଭୁଲି
ପାଉଥିଲୁ କେତେ ଆନନ୍ଦ ଡହିଁ;

* ସେ ଦିନ ଭାଇନା ଦେଇଥିଲେ ତାଙ୍କ ଶୁଭ ବାରତା
“ହେବ ଦୀର୍ଘଜୀବୀ ଭାଇ ‘ନରହରି’
ନବୋଢ଼ା କୁମାରୀ ‘କନକଲତା’;

ଲଭିବେ ଆନନ୍ଦ ପରସ୍ପର ପ୍ରତି ମମତା ଭରି
ବିପଦ ପିଚ୍ଛିଳ ସଂସାର ପଥେ
କୁସୁମିତ କରି ଜୀବନତରୀ ।”

ହୁଳହୁଳି ସଙ୍ଗେ ଶୁଭୁଥିଲା କେତେ ଶଙ୍ଖ ମହୁରୀ
ଶବଦେ ଉଚ୍ଛୁଳି ବିବାହ ଉତ୍ସବ
ଖେଳୁଥିଲା କେତେ ଶୋଭା ମାଧୁରୀ ।

---

* ନଅ—ତିନ—ଊଣେଇଶ ତେପନ ।

# ବିରହ ସ୍ୱପ୍ନ

ଯାଉ ଯାଉ ପଥେ କେଉଁ ଅବଳାକୁ ଦେଖି
ଚମକି ପଡ଼ି ଭାବେ ତୋହର ରୂପ ସେ କି ?

ସତ କି ମିଛ ବୋଲି ଚାହେଁ ମୁଁ ନିରେଖି ରେ
ଶିହରଣ ଉଠେ ମୋ ଗମ୍ଭୀର ହୃଦସ୍ତରେ;

ଜାଗ୍ରତେ ତାକୁ ଯେବେ ଅନାଏ ବଲବଲ
ସତେ କି ମନେ ହୁଏ ତୋହର ଅବିକଳ;

ତୋହର କାୟା ମାୟା ତୋହର ବର୍ଣ୍ଣ ସବୁ
ତୋହର ଢ଼ଙ୍ଗ ଢ଼ାଙ୍ଗ ତୋହର ବେଶସବୁ;

ମନେହୁଏ ଡ଼ାକିବି ତୋହର ନାଆଁ ଧରି
ଜାଗି ମୁଁ ଭାବି ଦେଖେ ଉଠୁଛି (ମୋ) ଜିଭ ଥରି;

ତୋ ପ୍ରୀତି ବିରହ ସ୍ୱପ୍ନ ପୁରେ ଭାସେ ମୁହିଁ
ବିଷାଦେ ଜୀବନ ଲୋଟୁଛି ମରମ ଦହି ।

# ପ୍ରଣୟର ଛନ୍ଦେ

ପ୍ରଣୟର ଛନ୍ଦେ          ଏ ଜୀବନ ବସନ୍ତେ
କେତୋଟି ଗୃନ୍ଧମା ଗନ୍ଥି ଗୋ
ଷୋଡ଼ଶୀର ସାଥେ          ପୀରତି ଭିଆଣ
କେଳି କୁଞ୍ଜବନେ ରଚି ଗୋ । ୧ ।

ପ୍ରୀତି ମାଳ ଗୁନ୍ଥେ          ବେଳ ତ ନଥିଲା
ଦରଗୁନ୍ଥା ଥିଲା ମାଳ ଗୋ
ଦରଗୁନ୍ଥା କରି          ଝଡ଼ ଆସିଥିଲା
ଛିଣ୍ଡାଇ ଦେଲା ସେ କାଳ ଗୋ । ୨ ।

ଦରଗୁନ୍ଥା ମାଳ          ଛିଣ୍ଡି ତ ଯାଇଛି
ଯୋଡ଼ିବାକୁ କାହା ବଳ ଗୋ
ଆଉ ମାଳ ଗୁନ୍ଥେ          ମନ କି ଫେରବ
ପୃଥ୍ୱୀ ହେଲେ ଦୁଇ ଫାଳ ଗୋ । ୩ ।

ଭାଙ୍ଗି ପଡ଼ିଅଛି          ପ୍ରଣୟ ମନ୍ଦିର
ଛିଣ୍ଡି ଯାଇଅଛି ମାଳ ଗୋ

ଭାଙ୍ଗି ତ ଗଲାଣି ଛିଣ୍ଡି ତ ଗଲାଣି
ଯୋଡ଼ା ଯୋଡ଼ି ରେ କି ଫଳ ଗୋ । ୪ ।

କାହାକୁ କହିବ କେ ଅବା ଶୁଣିବ
ହୃଦେ ଲାଗେ ଯେତେ ବ୍ୟଥା ଗୋ
ରହିଛି ରହିବ ସେ ସ୍ମୃତି ମଧ୍ୟରେ
ଲେଖା ଅଛି ଯେତେ କଥା ଗୋ । ୫ ।

# ମନ୍ଦିର

ମନ୍ଦରାର ସ୍ନେହ ସୁରମ୍ୟ କାନନେ
ହସ ଖେଳେ ମାତି
ଆଶାରେ ପୀରତି
ସାଜିଥିଲୁ ସଞ୍ଜ ସୁଖାନ୍ତି
ରଚିଥିଲୁ କେତେ ପୀରତି । ୧ ।

ମୋ ଲାଗି କେତେ ତୁ ସହିଛୁ ଯାତନା
କେତେ ଅପମାନ
କେତେ ନିର୍ଯାତନା
ପଥର ହୋଇଛୁ ତୋ ସ୍ମୃତି
ରଚିଥିଲୁ କେତେ ପୀରତି । ୨ ।

ଜନମା ହେବାର ଆଶା ଅଭିମାନେ
କେତେ ମନୋବ୍ୟଥା
କେତେ ଆତ୍ମକଥା
ବସା ବାନ୍ଧିଥିଲା ତୋ କତି
ରଚିଥିଲୁ କେତେ ପୀରତି । ୩ ।

ରଚିଥିଲୁ କେତେ ପୁନିଅ ଜୁଆଁସ
କେତେ ଦଶହରା
କେତେ ଗୁରୁବାର
ଗଢ଼ିଛୁ ତୁ କେତେ ସଂକ୍ରାନ୍ତି
ରଚିଥିଲୁ କେତେ ପୀରତି । ୪ ।

ଧୋଗର ଢଅଁଠେ "କଣ୍ଟକଚଣ୍ଡୀରେ"
ନୂଆଇଁଙ୍କୁ ମଥା
ଜାଳିକୁ ବଳିତା
ଆଶାରେ ସନ୍ତାନ ସନ୍ତତି
ରଚିଥିଲୁ କେତେ ପୀରତି । ୫ ।

ଫଳିଥିଲା ଫଳ ତାର ସ୍ତୁତିଦାନେ
ଅପୂର୍ବ କୁମାରୀ

* * *

କଲା କିଏ ଗ୍ରେଟ
ବିଧାତାର ଏ କି ଅମାନ୍ତି
ରଚିଥିଲୁ କେତେ ପୀରତି । ୬ ।

---

ମନ୍ଦିରା—ସୁନ୍ଦରଗଡ଼ ଜିଲ୍ଲାର ଶଙ୍ଖନଦୀରେ 'ମନ୍ଦିରା' ଗ୍ରାମଠାରେ ବନ୍ଧ ଯୋଜନାରେ ପ୍ରବେଶିକା ଶିକ୍ଷାରେ ନିଯୁକ୍ତ ହେଲେ, ମାତ୍ର ଛଅମାସ କେବଳ ପ୍ରଣୟୀ ଜୀବନର ସାର୍ଥକତା ହୋଇ ପାରିଥିଲା ।

# କନକ ଚମ୍ପା

ମୋର ଦରଫୁଟା ଚମ୍ପାଟି ଗୋ ଛୁଣ୍ଡି ଯାଇଛି
ଏ ଦୁର୍ଦ୍ଦାନ୍ତ ବସନ୍ତ ଗୋ ତାକୁ ତୋଳି ନେଇଛି;
କେତେ ସ୍ନେହେ ଗଛମୂଳେ ମୁଁ ଗୋ ପାଣି ଢାଳିଛି
କିପରି ରହିବ କହ ମୁଁ ଗୋ ତାକୁ ମୁ ଛୁଇଁଛି । ୧ ।

ଭାବିଥିଲି ଚମ୍ପା କଳିକାଟି ଫୁଟିବ ଫୁଲ
ନମିଳିବ ସଂସାରେଟି ଆଜି ସେପରି ଫୁଲ;
ନହୋଇ ପାରିବ କେହି ତା ସଙ୍ଗେ ସମତୁଲ
ସବୁଠାରୁ ମୋର ହେବ ସେ ଅତ୍ୟଧିକ ମୂଲ । ୨ ।

ଭାବିଥିଲି କେତେ ଦିନୁ ନଯାଏ ମୋହରି ମନୁ
ସାଇତି ରଖିବି ଯତ୍ନେ ମୋ ଚମ୍ପାଫୁଲ ତନୁ;
ନସରିବ ତା ସୁବାସ ଏ ମୋର ଉପବନୁ
ଦୁର୍ବାସନା ସବୁ ମୋର ଉଡ଼ିଯିବ ଜୀବନୁ । ୩ ।

# ସ୍ମୃତି ମନ୍ଦିରେ

ଗୃହିଁଛୁ ଆଶାରେ ମୋହେ କେଉଁ ମାତୃହରା
ବୁଡ଼ିଗଲା ମାଳାକାଶୁଁ ତା ସ୍ନେହର 'ତାରା';
ଗଲାବେଳେ କେତେ (ସେ) ଖୋଜିଛୁ ତାର ପତି
ପଦେ କହିବ କାନେ ବସାଇ ନିଜ କଣ୍ଠ;
ସତେ ସେ ବଞ୍ଚିବନି ଜାଣିଛୁ ବହୁଦିନୁ
ସ୍ୱାମୀର ପାଶେ ସବୁ ବାଢ଼ିଥିଲା ତା ମନୁ;
କହିଥିଲା ପୁଣି ହାତଧରି କେତେ ବାର
"ନିଶ୍ଚୟ ଦିନେ ହେବ ସଉତୁଣୀଏ ମୋର । ୦ ।
ନକରିବ ବିବାହ ମୋ ଜୀବନ ଆଗର
ନକରିବଟି ପରେ ସବୁ ମୁଁ ଯେ ତୁମର । ୧ ।
ମଥାରେ ମୋ ରହିଛୁ ଏ ସଉତୁଣୀ ବାଲ
ବିଧାତା କପାଁ । ହେଲା ମୋଠାରେ ପ୍ରତିକୂଳ । ୨ ।
ମୋ ଅନ୍ତେ ଲେଖିବ ତୁମେ ସ୍ମୃତିର କବିତା
କିଛିଦିନ ପାଇଁ ତୁମ ହୃଦେ ହେବ ବ୍ୟଥା । ୩ ।
ଯେତେ ଯେତେ କଥା ଆମ ପ୍ରଣୟ ମଧ୍ୟରେ
ସବୁ ତୁମେ ଭୁଲିଯିବ ଦିନ କେଇଟାରେ । ୪ ।
ସହି ନ ପାରିବ ତୁମେ ମୋହର ବିରହ
ରହି କି ପାରିବ ତୁମେ ନ କରି ବିବାହ ? । ୫ ।

ଆଣିବ ଆଉ ଏକ ମୋ'ଠୁ ବେଶି ସୁନ୍ଦରୀ
ଉତ୍ତମ ସ୍ୱଭାବ ଥିବ ତାହାଠାରେ ପୂରି । ୬ ।
ସ୍ୱାର୍ଥବୁଦ୍ଧ ବନ୍ଧ ଦେଖା ହେବ ନାହିଁ ମୋର
ଯେତେ କଳ୍ପନା ସବୁ ରହିବ ଅନ୍ତର । ୭ ।
ନାହିଁ ମୋହର ଐଶ୍ୱର୍ଯ୍ୟ ଆଉ ସେ ଶିଳ୍ପପୁରୀ
ତୁମେ କି ପାଇବ ମୋତେ ଶିଳ୍ପଶିକ୍ଷା ସାରି । ୮ ।
ଆଉ କି ଯିବ ତୁମେ ତୁମ ଶ୍ୱଶୁର ଘର
ଦେଇପାରି ନାହାନ୍ତି ସେ ଯଉତୁକ ଭାର । ୯ ।
ଦ୍ୱି ବର୍ଷ ଧରି ତାଙ୍କୁ ଦେଇନାହିଁ ପତର
ମୋ ପାଇଁ ସିନା ସବୁ ଏତେ ପାପ ଅନ୍ତର । ୧୦ ।
ଦେଖିବ ବୋଉଙ୍କ ପରି ହେବ ମୋର ଦଶା
ନ କରିବ ତୁମେ ଆଉ ଯଉତୁକ ଆଶା । ୧୧ ।
ପାଇଛି ମୁଁ ସବୁ କିନ୍ତୁ ପାଇନି ବୋଉଙ୍କୁ
ବୋହୂ ହୋଇ ଆସିଥିଲି ସେବା କରିବାକୁ" । ୧୨
ଭାବୀ ବାଣୀ ଗାଇଥିଲା ସେ 'କନକତାରା'
ସ୍ମୃତିମନ୍ଦିରେ ରଖିଲା କେଉଁ ପତ୍ନୀହରା । ୧୩ ।

# ପ୍ରୟାଣ

ପ୍ରଣୟୀ ପ୍ରଣୟିନୀ ଧୀରେ
ରଚିଥିଲୁ କେତେ         ମିଳନ ସପନ
ଆମ ପ୍ରଣୟ ମନ୍ଦିରେ । ୧ ।

ଗୀତ ପରେ ଗୀତ ଥୋଇ
ମିଶି ଗାଉଥିଲୁ         ମିଳନ ସଙ୍ଗୀତ
ପ୍ରଣୟ ବଧୂର ହୋଇ । ୨ ।

ପ୍ରକୃତି କାନନ କାହିଁ
ସଖା ସଖୀ ଆମେ         କେଦାର ଗଉଣୀ
ଗଉଣୀ ତ ଆଉ ନାହିଁ । ୩ ।

ଗଲା ମୋ ଗଉଣୀ କାହିଁ
ଏକା ଥିଲୁ ଆମେ         ପ୍ରଣୟ ମନ୍ଦିରେ
ଭିନ୍ନ ତ ନଥିଲା ତହିଁ । ୪ ।

ଯାଇଛି, ମୋ ମୁଖ-ଶଶୀ
ସେ ସ୍ୱର୍ଗଧାମକୁ         ଦେବପୂଜା ପାଇଁ
ପ୍ରୟାଣ ରଚିଛି ହସି । ୫ ।

# ଜନନୀ !

## ନୁହେଁ କି ମୁଁ ସନ୍ତାନ ସତେ ତୋର ?

କାତର ସ୍ୱରରେ ଡାକୁଛି ତୋତେ
ରୁଧିର ବୁହାଇ କାନ୍ଦୁଛି ଏତେ
ଜନନୀ ଗୋ ଦେଖା ଦେଉନୁ ମୋତେ
ନୁହେ କି ମୁଁ ସନ୍ତାନ ତୋର ସତେ ?

ସତେ କି ତୁ ହେଲୁ ମୂକ ବଧିର
ପଥର ହେଲା କି ଚିତ୍ତ ତୋହର
ନଶୁଣୁଛୁ ମୋର କାତର ସ୍ୱର
ନୁହେ କି ମୁଁ ସନ୍ତାନ ସତେ ତୋର ?

ଏତେ ଡାକରାରେ ଶୁଭୁନି ତୋତେ
ନିଦ୍ରାପୁରୀରେ ତୁ ଭାସୁଛୁ କେତେ ?
ଗର୍ଭ ତୋର ଜନ୍ମ ଦେଇଛୁ ମୋତେ
ନୁହେ କି ମୁଁ ସନ୍ତାନ ତୋର ସତେ ?

ଆଠ ବରଷରୁ କଲୁ ଅନ୍ତର
କିପରି ରହିଲୁ ଜନନୀ ମୋର
ସମସ୍ତ ମମତା ଭୁଲାଇ ତୋର
ନୁହେ କି ମୁଁ ସନ୍ତାନ ସତେ ତୋର ?

## [ ୨୬ ]

ବରଷ ବରଷ ଗଲାଣି କେତେ
ଚଉଦ ପନ୍ଦର ହେଲାଣି ଏତେ
'ବୋଉ ଲୋ' ବୋଲି ମୁଁ ଡାକୁଥେ ତୋତେ
ନୁହେ କି ମୁଁ ସନ୍ତାନ ତୋର ସତେ ?

ଦେଖୁଛୁ ତୁ ରହି ସେ ସ୍ୱର୍ଗପୁର
ହେଉଅଛି ମୁହିଁ କି ନାରଖାର
ହୃଦୟୁ କପର ସହୁଛି ତୋର
ନୁହେ କି ମୁଁ ସନ୍ତାନ ସତେ ତୋର ?

# ମାୟା ସଂସାର

ଏ ମରୁ ପ୍ରାନ୍ତ
ନାହିଁ କି ଅନ୍ତ ?
ଚାଲିଛି ମୁଁ ଅବଶ୍ରାନ୍ତ
ନାହିଁ କି ମୋ ପ୍ରାଣେ ଶାନ୍ତ । ଘୋଷା ।

ଆଶାର ମୋହରେ ଘୂରି ବୁଲି ହୁଏ କ୍ଳାନ୍ତ
ଏ ମାୟା ସଂସାର କରିଛି କି ମୋତେ ଭ୍ରାନ୍ତ ?
ଏ ମରୁ ସଂସାରେ ପାଉନି ମୁଁ ତାର ଅନ୍ତ । ୧ ।

ଜନମୀକ ମୋର ଖୋଜୁଥିଲି ଅବଶ୍ରାନ୍ତ
ପ୍ରଣୟୀ ବନ୍ଧୁନେ ହେଲେ ଏବେ ହନ୍ତସନ୍ତ
ତଥାପି ଚାଲିଛି ମରୁପ୍ରାନ୍ତେ ଅବଶ୍ରାନ୍ତ । ୨ ।

ମାୟାର ମୋହ ଯେ କରିଛି ମୋତେ ଜୀବନ୍ତ
ଏ ମର ସଂସାରେ ଲୁଚିଛି କେତେ ଯେ ସ୍ୱାର୍ଥ
ଆଶା ଯେ ମୋହର ପାଇବି ଜୀବନେ ଶାନ୍ତ । ୩ ।

ସଂଘ ଲାଇବ୍ରେରୀ
ନଂ...........
ତା.....................
ରାଉରକେଲା

# ଆତ୍ମନିବେଦନ

"ଆଜ ମୋର 'କନକ' ଆଉ ଇହଜଗତରେ ନାହିଁ । 'କନକ' ମୋତେ ଛାଡ଼ି ଚାଲି ଯାଇଛି । ସେ ମୋର ବୋଉ ସହିତ ଭେଟ ହୋଇଥିବ । ସେମାନେ ମୋତେ କ'ଣ ତାଙ୍କ ମଧ୍ୟରେ ସ୍ଥାନ ,ଦେବେ ନାହିଁ ? ମୁଁ ଯିବି । କପରି ଯିବି ? ସେ ତ ମୋତେ ଠକିଦେଇ ମୋର ପ୍ରଣୟର ଅପୂର୍ଣ୍ଣତା ଚିରଦିନ ପାଇଁ ରଖିଦେଇ ସ୍ୱର୍ଗପଥର ପଥିକ ହୋଇଛି । ହାୟ ! ସତେ କ'ଣ ମୋର କନକ ସ୍ୱର୍ଗରେ ! ତାକୁ ଦେଖିପାରିଲି ନାହିଁ । ସେହି ଶେଷ ଦେଖା—ସେହି ଫଗୁଣ ମାସର ଫଗୁ ଦଶମୀର ଶେଷ ରଜନୀ । ହାୟ ! କାହିଁ କେଉଁଠି ସ୍ୱର୍ଗ, ସେଠିକି ହେଲେ ଯା'ନ୍ତି ! କଣ୍ଟା ମାଡ଼ିଲେ ଡର ହୁଅନ୍ତା ନାହିଁ, ଶତ୍ରୁ ଆସିଲେ ଭୀତ ହୁଅନ୍ତ ନାହିଁ । ଯାଉଁ ଯାଉଁ କିଏ ମୁଣ୍ଡ କାଟି ନେବାକୁ କହିଲେ ମଧ୍ୟ ଫେରି ଆସନ୍ତି ନାହିଁ । କାହିଁ ସେ ସ୍ୱର୍ଗ ? କେଉଁଠି ? ସେ କ'ଣ ନିଶ୍ଚିତ ପଦାର୍ଥ ? ମନୁଷ୍ୟ ଦେଖି-ପାରେ ? କାହିଁ କେଉଁ ସ୍ୱର୍ଗ ସେ ? ହାୟ ! ମୋର ପାପ କ'ଣ ମୋତେ ସେହି ପଥର ପଥିକ କରିଦେବ ! ମୁଁ ତ ପାପୀ—ମହାପାପୀ !

'କନକ' ମୋର ଚାଲିଯାଇଛି, ମୋର ହୃଦରାଜ୍ୟ ଶୂନ୍ୟ କରି—ମୋର କୋଳ ଭୁଚ୍ଛା କରି—ମୋର କଳ୍ପନାର ବାଙ୍ଗ ଭାଙ୍ଗି-ଦେଇ—ମୋର ଆଶା ଲତିକା ଛିଣ୍ଡାଇ ଦେଇ—ମୋର ଚିନ୍ତାପଥ

ରୁଦ୍ଧ କରଦେଇ କେଉଁ ଦେଶକୁ—ଯେଉଁ ଦେଶରେ ଜରା ନାହିଁ, ମୃତ୍ୟୁ ନାହିଁ, ଦୁଃଖ ନାହିଁ, ରିପୁ ନାହିଁ—ସବୁ ଆନନ୍ଦ, ସବୁ ସ୍ୱାଧୀନ, ମୁକ୍ତ—ସମସ୍ତ ଅମୃତମୟ ।

ମାତ୍ର ଏହି ମର ସଂସାରରେ କେବଳ ଦୁଃଖରେ ଦୁଃଖୀ ମୁଁ, ଜଣକ ପାଇଁ—ସେହି କ୍ଷଣଜନ୍ମା ସୌଦାମିନୀ, ସେହି ମୋର ପ୍ରୀତି-ପସରା 'କନକ' ପାଇଁ । ତା'ର ପାଇଁ ଏ ବିପଦ-ନଈରେ ମୁଁ ଏବେ ଭାସୁଛି । ମୋର ପ୍ରାଣରେ ରହିଗଲା ଅପୂର୍ଣ୍ଣତା ।

ମୁଁ ବ୍ରାହ୍ମଣ, ମୋର ଗାୟତ୍ରୀ 'କନକ' । ସେ ମୋର ସର୍ବଦା କଣ୍ଠଭୂଷଣ, ମୁଁ ଦିନରାତି ସର୍ବଦା 'କନକ' 'କନକ' କହି ମୁକ୍ତି ପାଇବି । 'କନକ' ଯୋଗେ ମୋର ସମସ୍ତ ଅପୂର୍ଣ୍ଣତା ରହିଗଲା । କେତେ ଆଶା ମନରେ ପୋଷିଥିଲି—କେତେ ଚିନ୍ତା ହୃଦୟରେ ସ୍ଥାନ ଦେଇଥିଲି—ସବୁ ବିଫଳ ହେଲା, ସବୁ ଜଳି ପୋଡ଼ିଗଲା ।

ତା'ର ଯୋଗେ ମୁଁ ଆଜି ଦିଶହରା, ତା'ର ଯୋଗେ ମୋତେ ରମ୍ୟ ପ୍ରକୃତି ଦିଶୁଛି ଅସୁନ୍ଦର, ତାର ଯୋଗେ ମୋତେ ଏ ରୂପ-ପସରା କୁମାରୀ ସବୁ ଅଶୋଭା ଦିଶୁଛନ୍ତି—ସେମାନଙ୍କ ମଧୁର କଣ୍ଠ ମୋର କାନକୁ ଶ୍ରୁତିକଟୁ ବୋଧ ହେଉଛି, ତାର ଯୋଗେ ଅମୃତ ମୋତେ ବିଷପରି ବୋଧ ହେଉଛି, ତାର ଯୋଗେ ମୋତେ ଚନ୍ଦ୍ରର ଜ୍ୟୋତ୍ସ୍ନା କଷ୍ଟକର ହେଉଅଛି, ତାର ଯୋଗେ ମୋତେ କେତକୀ, ଚମ୍ପା, ବକୁଳର ଗନ୍ଧ ଦୁର୍ଗନ୍ଧି ବୋଧ ହେଉଅଛି—ବସନ୍ତ-କୋକିଳର ତାନ କର୍କଶ ବୋଧ ହେଉଅଛି ।

ବାଳକ ବାଳିକାର ବିମୋହନ ରୂପ ମୋତେ ବିବର୍ଣ୍ଣ ଦେଖା ଯାଉଅଛି ।

ତା ଯୋଗେ ଜଗତ ମୋ ଚକ୍ଷୁରେ ଅନ୍ଧକାର । ମୁଁ ତାର ଯୋଗେ ସମୟେ ସମୟେ କିଂକର୍ତ୍ତବ୍ୟବିମୂଢ଼ । ହାୟ ରେ, ମୋର ଚିର ସାଥୀ !

ଆଜି ତା'ର ସ୍ମୃତି ପାଇଁ ତା'ର ନାମରେ ଲେଖିଲି ଏ କବିତା । ଏ 'କନକ' ନାମ୍ନୀ କବିତା ହେବ ଜଗତରେ କନକ ପରି ଅମୂଲ୍ୟ ରତ୍ନ । ସେ ଅଦ୍ୱିତୀୟ ରାଣୀ, ଅମୃତମୟୀ, ସୁଧାସ୍ୟନ୍ଦିନୀ—ପବିତ୍ର ମୁହୂର୍ତ୍ତରେ ସ୍ୱର୍ଗବାସିନୀ । ଧନ୍ୟ ସେ । ଧନ୍ୟ ତାର କପାଳ । ଧନ୍ୟ ତା'ର ଚିନ୍ତା, ଧନ୍ୟ ! ତା'ର ମୂର୍ତ୍ତିପଟକୁ ଗଳାର ମାଳା କରିବି । ସେ ମୋର କୃଷ୍ଣ, ସେ ମୋର ରାମ, ସେ ମୋର ଗୋପାଳ, ପ୍ରେମର ମୂର୍ତ୍ତି । ତା'ର ନାମ ହିଁ ମୋ ପରି ଅଜାମିଳର ନାରାୟଣ ନାମ । ତା'ଠି ମୋର ହୃଦୟ ବନ୍ଧା । ସେ ମୋର ଧ୍ୟାନ, ଆଶା-କଳ୍ପନାର ସହଚରୀ ପ୍ରେମିକା । ତା ଛଡ଼ା ଜଗତରେ ଅନ୍ୟ କାହାକୁ ସାବିତ୍ରୀ ମନ୍ତ୍ରୀ କରିପାରେ ନାହିଁ । ସେ ମୋର ଜଗତର ସମସ୍ତ ବିମୋହନ ବସ୍ତୁ ମଧ୍ୟରେ ଅରବିନ୍ଦ-ଇନ୍ଦୁ, ଦାମିନୀ-ମନ୍ଦାକିନୀ, ନନ୍ଦନ-ପାରିଜାତ, କୌସ୍ତୁଭ-କନକ ଓ ଶକୁନ୍ତଳା । ଚିରଦିନ ପାଇଁ ରହିଗଲା ଅପୂର୍ଣ୍ଣତା—ମୋତେ ଅପୂର୍ଣ୍ଣରେ ରଖି ସେ ଚାଲିଗଲା । ଏହି ଅପୂର୍ଣ୍ଣତା ଆଉ ପୂର୍ଣ୍ଣ ହେବ ନାହିଁ—ମୋର ଆଶାର ମିଳନ ଆଉ ଘଟିବ ନାହିଁ ।

ଚିନ୍ତା-କଳ୍ପନା-ଜଳ୍ପନା-ଧ୍ୟାନ-ଧାରଣା-ଭବିଷ୍ୟତ୍ — ସମସ୍ତ ମୋର ଅପୂର୍ଣ୍ଣ ରହିଲା । ତା'ପାଇଁ କାନ୍ଦୁଥିଲି—କାନ୍ଦୁଛି—କାନ୍ଦିବି, ପୁଣି କାନ୍ଦିବି । କାନ୍ଦି କାନ୍ଦି ଜଗତ ଭସାଇଦେବି । ଅଶ୍ରୁର ଜୁଆର ସେହି ଅଗମ୍ୟ ଅପାର ଭୂମା ସନାତନଙ୍କ ମନ୍ଦିରରେ ଲାଗିବ । ସେ ମୋର ଆତୁର ଗୁହାରି ଶୁଣିବେ, 'କନକ' ସହ ମୋତେ ମିଶାଇଦେବେ । ସବୁ ଅପୂର୍ଣ୍ଣତା ଭାଙ୍ଗିଯିବ ପୁଣି ପୂର୍ଣ୍ଣତା ଆସି ପହଞ୍ଚିବ—ପୁଣି ଅନ୍ଧକାର

ଦୂର ହୋଇଯିବ, ବତାସ ବନ୍ଦ ହୋଇଯିବ, ପୁଣି ସୌନ୍ଦର୍ଯ୍ୟ ଫୁଟି ଉଠିବ—ସ୍ୱର୍ଗର ବିମଳ ଆଲୋକରେ ଦୁଇଟି ପ୍ରାଣୀ ସ୍ୱର୍ଣ୍ଣ ସିଂହାସନରେ ବସି ଅଭିଷେକ ହେବେ—ଉର୍ବଶୀ, ମେନକା, ରମ୍ଭା, ଚିତ୍ରରେଖାଙ୍କର ମଧୁ ସଙ୍ଗୀତ ଉଚ୍ଛ୍ୱସି ଉଠିବ ।"

କିନ୍ତୁ ମୋ ପ୍ରାଣରେ ଆଜିର ଅପୂର୍ଣ୍ଣତା ଭିତରେ ମୋର ଏହି ଅପୂର୍ଣ୍ଣ କବିତାଗୁଡ଼ିକ ହେବ ଅପୂର୍ଣ୍ଣ ସୃଷ୍ଟି, ଆଉ ତାର ପବିତ୍ର ନାମରେ ନାମକରଣ ହୋଇଥିବା ଯୋଗୁଁ ଏ ହେବ ଜଗତରେ କନକ ପରି ଅମୂଲ୍ୟ ରତ୍ନ ।

କଲିକତା,
ତା ୪-୫-୫୮ ।

Shri Niranjan Tripathy
Qtr No 2A
Street No 11
Sector—4
P.O B.S.P-1
Bhilai Durg (M.P).

ବ୍ରହ୍ମପୁର, ଓଡ଼ିଶା ପ୍ରିଣ୍ଟିଙ୍ଗ୍ ଓ୍ୱାର୍କ୍‌ସ୍‌ରେ ଶ୍ରୀ ହାଡ଼ି ଗୁପ୍ତ ଗୁରୁଙ୍କ ଦ୍ୱାରା
ମୁଦ୍ରିତ । ୧୯୫୯ ।